## ସଂକ୍ଷେପରେ

### ଆହତ ଯୁବକଙ୍କୁ ମେଡିକାଲ୍ ନେଲେ ଅଧ୍ୟକ୍ଷ

ଆର.ଉଦୟଗିରି,୯।୧୧(ଡି.ଏନ୍.ଏ.)- ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ମେଡିକାଲ୍ ନେଇଛନ୍ତି । ମେରାପଲି ଗାଁ ରାସ୍ତାରେ ଗଞ୍ଜାମ ଜିଲା ସାହସପୁର ଗାଁର ଜଣେ ଯୁବକ ରବୀନ୍ଦ୍ର ମହାନ୍ତି ବାଇକ୍ ଦୁର୍ଘଟଣା ଯୋଗୁ ରାସ୍ତାରେ ପଡି ଛଟପଟ ହେଉଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ସେପଟେ ଆହତ ଯୁବକଙ୍କ ଅବସ୍ଥା ମଧ୍ୟ ବିଗିଡି ଥିଲା। ତେବେ ଏହି ସମୟରେ ମୋହନା ବ୍ଲକ ଅଧ୍ୟକ୍ଷ ନିଜ ଗାଡିରେ ଲୁହାଗୁଡ଼ି ଯାଉଥିଲେ। ଆମ୍ବୁଲାନ୍ସ ବିଳମ୍ବ ହେଉଥିବା ଯୋଗୁ ବିଳମ୍ବ ନ କରି ତୁରନ୍ତ ଆହତ ଯୁବକଙ୍କୁ ଉଦ୍ଧାର କରି ସେ ନିଜ ଗାଡିରେ ନେଇ ମୋହନା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ମୋହନା ଥାନାଧିକାରୀ ପ୍ରଶାନ୍ତ ନିଶିକା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### କାଶୀନଗର ରଇତ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କାଶୀନଗର,୯।୧୧-କାଶୀନଗର ରଇତସଙ୍ଗର କାର୍ଯ୍ୟକାରୀ ସଭାପତି ଶାଶୁପାଲି ତାତେୟାଙ୍କ ଏକାଦଶାହ ଅବସରରେ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଘ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ଉପଲକ୍ଷେ ଆୟୋଜିତ ଶୋକ ସଭାରେ ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ସଂଘ ଉପସଭାପତି ୱାଇ. ଧନଞ୍ଜୟ, କେ. ସୂରିୟା ରାଓ, କୋଷାଧ୍ୟକ୍ଷ ବସନ୍ତ କୁମାର, ଦାମୋଦର ପୋଲାକ. ତିରୁପତି. ହୃଷିକେଶ ଗୌଡ଼, ଆର ଲୋକନାଧାମ, ଟି କ୍ରିଷ୍ଣା ପ୍ରମୁଖ ଯୋଗ ଦେଇ ତତେୟାଙ୍କ କୃଷି ଓ କୃଷକ ଅନୁକୂଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ତାଙ୍କର ଅକାଳ ବିୟୋଗ କାଶୀନଗର ରଇତ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା। ସଂଘ ସଭାପତି ପ୍ରଶାନ୍ତ ମିଶ୍ର କହିଥିଲେ ଯେ କାଶୀନଗରରେ କୌଣସି କୃଷକ ସଂଗଠନ ନଥିବା ବେଳେ ତାତେୟା ଓ ଉଲେକ୍ଷିତ ଅନ୍ୟମାନଙ୍କ ସହଯୋଗ କ୍ରମେ କାଶୀନଗର ରଇତ ସଂଘ ଗଠିତ ହୋଇଥିଲା। କୃଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ସଂଘ ନୀରବଛିନ୍ନ ଭାବେ କାର୍ଯ୍ୟ କରି ଆସୁଛି। ତାତେୟାଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ଯୁବକ ମୃତ, କାରଣ ଅସ୍ପଷ୍ଟ

ସୋରଡା,୯।୧୧(ଡି.ଏନ୍.ଏ.) ଋଷିକୁଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଯୋଗ ଶିକ୍ଷାରେ ଜାତୀୟ ସ୍ତରରେ ପୁରସ୍କାର ପ୍ରାପ୍ତ ଆମର କୁମାର ନାୟକ (୩୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ପରିବାର ସମ୍ପର୍କୀୟମାନେ ଆମରଙ୍କୁ ଅଚେତ ଅବସ୍ଥାରେ ସୋରଡ଼ା ଡାକ୍ତରଖାନା ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆମର ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମହାରାଷ୍ଟ୍ରରେ କାରଖାନା ଅଞ୍ଚଳ ବୁଲିବେ ଗ୍ରାମବାସୀ

**■ ସ୍ମାର୍ଟକେମ କମ୍ପାନୀକୁ ବିରୋଧ ପ୍ରସଙ୍ଗ**
**■ ତ୍ରିପାକ୍ଷିକ ଆଲୋଚନା ବୈଠକ ବିଫଳ**

ଛତ୍ରପୁର,୯।୧୧(ଡି.ଏନ୍.ଏ.)

ଛତ୍ରପୁର ତହସିଲ ଅନ୍ତର୍ଗତ କାଳିପଲ୍ଲୀ ଗ୍ରାମ ନିକଟରେ ସ୍ମାର୍ଟକେମ ଟେକ୍ନୋଲୋଜି ନାମକ ସାର କାରାଖାନା ନିର୍ମାଣ କାମକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି। ଫଳରେ ପ୍ରକଳ୍ପର କାମ ବନ୍ଦ ରହିଛି। ପ୍ରକଳ୍ପ କାମ କିପରି ସଫଳ ହେବ ସେ ନେଇ ବୁଧବାର ଛତ୍ରପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ଆଲୋଚନା ବୈଠକ ବସିଥିଲା । ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ସ୍ମାର୍ଟକେମ ଟେକ୍ନୋଲୋଜି କମ୍ପାନୀ କର୍ତ୍ତୃପକ୍ଷ, ପୋଲିସ, ଗ୍ରାମବାସୀ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ବସି ପ୍ରାୟ ୪ ଘଣ୍ଟା ଆଲୋଚନା କରିଥିଲେ । ହେଲେ ଏହି ପ୍ରକଳ୍ପର କୌଣସି ସମାଧାନର ବାଟ ଫିଟି ନ ଥିଲା । ତେଣୁ ଏହି ବୈଠକ ଫେଲ ମାରିଛି ବୋଲି କାଳିପଲ୍ଲୀ ଗ୍ରାମ୍ୟ କମିଟିର ସଭାପତି ବି.ମୋହନ ପାତ୍ର କହିଛନ୍ତି । ପୂର୍ବରୁ ଯେଉଁ ପ୍ରସଙ୍ଗକୁ ନେଇ ଗ୍ରାମବାସୀ ଆନ୍ଦୋଳନ ଜାରି ରଖିଛନ୍ତି ତାହାର ସବିଶେଷ ତଥ୍ୟ ଆଲୋଚନା ବେଳେ ସନ୍ତୋଷଜନକ ନଥିଲା। କାଳିପଲ୍ଲୀ ଅଞ୍ଚଳରେ ଯେଉଁ କାରଖାନା ହେବ ମହାରାଷ୍ଟ୍ରରେ ସେଭଳି ଅଛି । ସେଠାରେ କାରଖାନା ପାର୍ଶ୍ୱରେ ଜନବସତି ରହିଥିଲେ ମଧ୍ୟ କୌଣସି କ୍ଷତି ହେଉନାହିଁ । ତେଣୁ ଗ୍ରାମବାସୀଙ୍କୁ ତୁରନ୍ତ ମହାରାଷ୍ଟ୍ରରେ ଥିବା କାରଖାନାକୁ ପରିଦର୍ଶନ କରିବାକୁ ନିଆଯିବ । ଗ୍ରାମରେ ବସି ଆଲୋଚନା କରି କୌଣସି ଏକ ସମାଧାନର ବାଟ ବାହାର କରିବାକୁ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି । ପୂର୍ବରୁ ଜନଶୁଣାଣି କରାଯାଇ ନାହିଁ ବୋଲି ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ପ୍ରଦୂଷଣ ବୋର୍ଡରୁ ଆସିଥିବା ଅଧିକାରୀ ଜଣକ ଜନଶୁଣାଣିର ଆବଶ୍ୟକ ନାହିଁ ବୋଲି କହିଛନ୍ତି । ଏହାକୁ ନେଇ ଗ୍ରାମବାସୀ ଓ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସେହିପରି ଏହି ଅଞ୍ଚଳରେ ଯେଉଁ କାରଖାନା ହେବ ସେଥିଲାଗି ସ୍ଥାନୀୟ ଅଞ୍ଚଳରେ ବହୁ କ୍ଷତି ଘଟିବ ପ୍ରସଙ୍ଗକୁ ନେଇ ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ। ଏଣୁ ଗ୍ରାମବାସୀଙ୍କ ସହ ଆଲୋଚନା କରି କୌଣସି ନିଷ୍ପତ୍ତି ନ ନେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀଙ୍କ ତରଫରୁ ବୈଠକରେ କୁହାଯାଇଛି । ବୈଠକରେ କାଳିପଲ୍ଲୀ ଗ୍ରାମ୍ୟ କମିଟି ସମେତ ବଡପୁଟି, ବନ୍ଦର, ଭାଗିନିପେଟା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ୍ୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକର ଆଲୋଚନାକୁ ନେଇ ସମୂହ ଗ୍ରାମବାସୀଙ୍କ ସହ ଆଲୋଚନା କରି କୌଣସି ନିଷ୍ପତ୍ତି ନିଆଯିବ । ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମ୍ୟ କମିଟିର କାଳିପଲ୍ଲୀ ସଭାପତି ପାତ୍ର କହିଛନ୍ତି । ଗ୍ରାମବାସୀଙ୍କ ବିଭିନ୍ନ ଅଭିଯୋଗ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଆସନ୍ତା ଦିନରେ ଗ୍ରାମରେ ବସି ଆଲୋଚନା କରି ତୁରନ୍ତ ନିଷ୍ପତ୍ତି ନେବାକୁ କୁହାଯାଇଛି । ସୂଚନାଯୋଗ୍ୟ, କମ୍ପାନୀ ପ୍ରକଳ୍ପ କାମ ଆରମ୍ଭ କରିବା ସମୟରେ ବିରୋଧ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ । ଏଥିରେ ୬ଜଣ ଆହତ ହୋଇଥିଲେ । କମ୍ପାନୀ କାମରେ ବାଧା ସୃଷ୍ଟି କରିବା ଅଭିଯୋଗରେ ପ୍ରଶାସନ ପକ୍ଷରୁ ୧୨ ଜଣଙ୍କୁ ନୋଟିସ ଦିଆଯାଇଥିଲା ।

# ଜାତୀୟ ଆଇନ ସେବା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍ ଓ ଅନ୍ୟମାନେ।

ଛତ୍ରପୁର,୯।୧୧(ଡି.ଏନ.ଏ.)– ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଏମଏଫସି ଜୁଏଲ ପଟ୍ଟନାୟକ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, କୋଷାଧ୍ୟକ୍ଷ ସମୀର କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭ୍ୟ କେ. କମଳ ଲୋଚନ ଦାସ, ସରକାରୀ ଓକିଲ ମନୋଜ କୁମାର ପାଢୀ, ଓକିଲ ବ୍ରଜମୋହନ ଆଚାର୍ଯ୍ୟ ଓ ରାମକୃଷ୍ଣ ଦାଶ ଯୋଗ ଦେଇ ନିଜ ବକ୍ତବ୍ୟରେ ଜାତୀୟ ଆଇନ ସେବା ଦିବସ ସଂପର୍କରେ ଆଲୋକପାତ କରିଥିଲେ। ଛତ୍ରପୁର ଓକିଲ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ବେହେରା, ସରକାରୀ ଓକିଲ ଡମିନାଥ ସାହୁ, ପ୍ରଦୀପ ପାତ୍ର, ଭୈରବ କୁମାର ପଟ୍ଟନାୟକ, କାଳି ପ୍ରସାଦ ଦାଶ, ମନୋଜ କୁମାର ବେହେରା, ଚୈତନ୍ୟ ପ୍ରଧାନ, କୃଷ୍ଣ ବେହେରା, ପି. ଧର୍ମା ରେଡ୍ଡୀ, ବି. ସୁଦାମ, ସୁଶାନ୍ତ କୁମାର ପଟ୍ଟନାୟକ ଓ ଅନାମ ପ୍ରଧାନଙ୍କ ସମେତ ବହୁ ସଂଘର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ଆଇନ ସଚେତନତା ରାଲି



ସଚେତନ କରାଯାଉଛି।

ଫୁଲବାଣୀ ଅଫିସ, ୯।୧୧

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ବୁଧବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଏକ ସଚେତନତା ରାଲି ଜିଲା କୋର୍ଟ ପରିସରରୁ ବାହାରିଥିଲା । ଏହାକୁ ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ସିତ୍ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅନୁଶିଳା ରୟ, ଏସ୍‌ଡିଜେଏମ୍ ଅର୍ଜିତ ଦାଶ, ବାର ଆସୋସିଏଶନର ସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ ଦୂର୍ଗା ଶଙ୍କର ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ, ଫୁଲବାଣୀ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅଙ୍ଗନୱାର୍ଡ କର୍ମୀ, ସ୍କୁଲ ଛାତ୍ରୀଛାତ୍ର, ଏନ୍‌ଜିଓ କର୍ମଚାରୀମାନେ ଏହି ରାଲିରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣର ନିଃଶୁଳ୍କ ଆଇନସେବା ଏକ ଅନୁଗ୍ରହ ନୁହେଁ, ଏହା ଲୋକମାନଙ୍କ ଏକ ସାମ୍ବିଧାନିକ ଅଧିକାର ବୋଲି ସମସ୍ତଙ୍କୁ ସଚେତନ କରାଯିବା ସହ ଟୋଲ ଫ୍ରି ନମ୍ବର ୧୫୧୬୮ର ବ୍ୟବହାର ନେଇ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସେହିପରି ଫିରିଙ୍ଗିଆରେ ଘରକୁ ଘର ବୁଲି ଲୋକଙ୍କୁ ଆଇନ ବିଷୟରେ ସଚେତନ କରାଯାଇଥିଲା ।

## ମୋବାଇଲ ଗେମ୍ କବଳରେ କୋମଳମତି, ଚିନ୍ତାରେ ଅଭିଭାବକ

ଜି.ଉଦୟଗିରି,୯।୧୧(ଡି.ଏନ.ଏ.)

ମୋବାଇଲ ଗେମ କବଳରେ ଆଜି କୋମଳମତି ଛାତ୍ରୀଛାତ୍ର ନାବାଳକ ସମସ୍ତେ କବଳିତ । ସେମାନେ ମୋବାଇଲ ଗେମରେ ଏତେ ମଜି ରହୁଛନ୍ତି ଯେ ଖରା, ବର୍ଷା, ଶୀତ କିଛି ଜାଣି ପାରୁନାହାନ୍ତି। ବର୍ତ୍ତମାନ ଜି.ଉଦୟଗିରି ଅଞ୍ଚଳରେ ଶୀତ ଅନୁଭୂତ ହେବା ସହ କୁହୁଡି ପଡୁଛି। କିନ୍ତୁ ଛୋଟ ପିଲା ମାନେ ଟ୍ୟୁଶନ ଯାଉଛି ବୋଲି ଘରେ କହି ଭୋର ଆସି ରାସ୍ତା କଡରେ ବସି ମୋବାଇଲ ଗେମ ଖେଳୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ବିପଦପୂର୍ଣ୍ଣ ଗେମ ଖେଳୁଛନ୍ତି। କରୋନା ସମୟରେ ଅନଲାଇନ କ୍ଲାସ ପାଇଁ ପିଲାଙ୍କ ପାଇଁ ଆଣ୍ଡ୍ରଏଡ ଫୋନ କିଣି ଅଭିଭାବକମାନେ ଦେଇଥିଲେ। କିନ୍ତୁ ବର୍ତ୍ତମାନ ଅନେକ ପିଲା ତାର ଦୁରୁପଯୋଗ କରୁଛନ୍ତି। ଆଣ୍ଡ୍ରଏଡ ଫୋନ ବ୍ୟବହାର ସମ୍ପର୍କରେ ବିଦ୍ୟାଳୟ ଗୁଡ଼ିକରେ ସଚେତନ କରାଗଲେ ଓ ଅଭିଭାବକମାନେ ପିଲାଙ୍କ ଫୋନ ବ୍ୟବହାର ଉପରେ କଟକଣା ଲଗାଇଲେ ପିଲାମାନେ ବିପଦପୂର୍ଣ୍ଣ ଗେମ ଖେଳିବା କମି ଯାଇ ପାରନ୍ତା।

# ଛାଡ଼ଖାଇରେ ଆମିଷ ବଜାରରେ ଭିଡ଼



ଛାଡଖାଇରେ ଲୋକମାନେ ଆମିଷ କିଣୁଛନ୍ତି ।

ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରରେ ଛାଡଖାଇ ଅବସରରେ ବୁଧବାର ପୂର୍ବାହ୍ନରୁ ବିଭିନ୍ନ ଆମିଷ ବଜାରରେ ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ତ୍ତିକ ମାସ ତମାମ ଲୋକମାନେ ଧର୍ମ ମାସ ହିସାବରେ ନିରାମିଷ ଖାଦ୍ୟ ଖାଇବାପରେ ମାସର ଠିକ ପରବର୍ତ୍ତୀ ଦିନ ଛାଡ଼ଖାଇ ପର୍ବରେ ଆମିଷ ଖାଇ ଏହି ଧର୍ମ ମାସର ନିରାମିଷ ଖାଦ୍ୟ ଆହାରକୁ ଭଙ୍ଗ କରିଥାନ୍ତି। ଏହି ଅବସରରେ ସହରର ମୁଖ୍ୟ ବଜାରରେ ଥିବା ମାଛ ବଜାର, ସେରୀ ସାହି ସ୍ଥିତ ମାଛ ବଜାର, ଖଞ୍ଜାସାହି ଛକ ସ୍ଥିତ ମାଛ ବଜାର, କଲେଜ ରୋଡ ଆଦି ସ୍ଥାନରେ ଲୋକଙ୍କ ଭିଡ ଜମିଥିଲା । ସେହିପରି ଖଞ୍ଜାସାହି ସ୍ଥିତ ମାଂସ ଦୋକାନ, ମୁଖ୍ୟ ବଜାର ସ୍ଥିତ ମାଂସ ଦେକାନ ଏବଂ କୁକୁଡା ମାଂସ ଦୋକାନ ଗୁଡିକରେ ଦୈନନ୍ଦିନ ଅପେକ୍ଷା ବେସ ଭିଡ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ଆମିଷ ବ୍ୟବସାୟୀମାନେ ମାଛ ମାଂସ ଦର ମଧ ବୃଦ୍ଧି କରିଥିବାର ଜଣାପଡିଛି। ଦର ବୃଦ୍ଧିଥିଲେ ମଧ ଲୋକେ ନିଜ ନିଜ ସକ୍ଷମ ମୁତାବକ ଆମିଷ କ୍ରୟ କରିଥିବାର ଦେଖିବାକୁ ମିଳିଥିଲା। ସେହିପରି ଛାଡଖାଇ ଅବସରରେ ବିଭିନ୍ନ ସ୍ଥାନରେ ସାଙ୍ଗସାଥି ହୋଇ ଭୋଜିଭାତର ଆସର ଜମିଥିବାର ଦେଖିବାକୁ ମିଳିଥିଲା।

# ସିପିଆଇ ନରସିଂହପୁର ଶାଖା ସମ୍ମିଳନୀ

ଛତ୍ରପୁର,୯।୧୧(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନରସିଂହପୁର ଶାଖା ସମ୍ମିଳନୀ ବି. ଗିରିଧାରୀ ପାତ୍ରଙ୍କ ସଭାପତିତ୍ୱରେ ନରସିଂହ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ ଯୋଗ ଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ଓ ଶ୍ରମିକ ମାରଣ ନୀତି ବିରୋଧରେ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚାଷୀଙ୍କ ଅମଳର ଉଚିତ୍ ମୂଲ୍ୟ ପ୍ରଦାନ ଓ ସମସ୍ତ ଚାଷୀଙ୍କ ଧାନକୁ ମଣ୍ଡିରେ କ୍ରୟ କରିବା, ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ। ଶାଖା ସମ୍ପାଦକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯିବା ସହ ସଭ୍ୟପଦ ନବୀକରଣ କରାଯାଇଥିଲା । ନୂତନ ଶାଖା ସମ୍ପାଦକ ଭାବେ ଏଲ. ଦଣ୍ଡାସୀ ପାତ୍ର ଓ ସହ ସମ୍ପାଦକ ଭାବେ ସନ୍ୟାସୀ ପ୍ରଧାନ ନିର୍ବାଚିତ ହୋଇଥିଲେ । ସମ୍ମିଳନୀରେ ଚମାଖଣ୍ଡି ଜୋନାଲ ସମ୍ପାଦକ ସି ଏଚ. ଜନାର୍ଦ୍ଦନ ରେଡ୍ଡୀ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ପୂର୍ବତନ ସମିତିସଭ୍ୟ ମଥୁରା ଚରଣ ସୁବୁଦ୍ଧି, ଏନ. ମୁନା ପାତ୍ର, ବି. ନାଗେଶ୍ୱର ପାତ୍ର, ଲିଙ୍ଗରାଜ ପାତ୍ର, ନାରୀ ନେତ୍ରୀ ସରସ୍ୱତୀ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବର୍ଷିୟାନ କମ୍ୟୁନିଷ୍ଟ ନେତା ଶିବରାମ ନନ୍ଦ ଦଳୀୟ ପତାକା ଉତ୍ତୋଳନ କରିଥିଲେ ।

## ଚବିଶ ପ୍ରହର ନାମଯଜ୍ଞ ପାଇଁ ରାଉଳସାହି ଚଳଚଞ୍ଚଳ

ଗଞ୍ଜାମ,୯।୧୧(ଡି.ଏନ.ଏ.)

ଚଳିତ ଶୁକ୍ଳ ପକ୍ଷ ଦ୍ୱାଦଶୀରେ ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ରାଉଳସାହିରେ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗତ ଶନିବାର ଶୁଭାଧିବାସ ପରେ ରବିବାର ଯଜ୍ଞ ଆରମ୍ଭ ହୋଇଥିଲା। ଏଥିପାଇଁ ସାହି ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ଏହି ନାମଯଜ୍ଞକୁ ସ୍ଥାନୀୟ ଆଖପାଖ ଅଞ୍ଚଳର ବହୁ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ରାମନାମ ଗାନ କରୁଛନ୍ତି। ବୁଧବାର ପୂର୍ଣ୍ଣାହୁତି, ନଗର କୀର୍ତ୍ତନ, ଯମୁନା ସ୍ନାନ ପରେ ଯଜ୍ଞ ଶେଷ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ସନ୍ତୋଷ ମହାରଣା, ସନ୍ତୋଷ ଗୌଡ଼, ରବୀନ୍ଦ୍ର ଗୌଡ଼, ସଞ୍ଜୟ ମହାରଣା, କୈଳାସ ଗୌଡ଼, ଅଗାଧୁ, ମଦନ, ନାରାୟଣ, ବୁଲୁ ପ୍ରମୁଖ ସହଯୋଗ କରୁଥିବା ବେଳେ ରାଉଳସାହିଗ୍ରାମବାସୀବୃନ୍ଦ ପରିଚାଳନା କରୁଛନ୍ତି।

# ଦିଗପହଣ୍ଡି ବ୍ଲକ ଆଶାକର୍ମୀ ସଂଘର ଆଲୋଚନା ସଭା

ଦିଗପହଣ୍ଡି,୯।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଆଶାକର୍ମୀ ସଂଘର ଆଲୋଚନା ସଭା ରବିବାର ଦିଗପହଣ୍ଡି ଗୁପ୍ତେଶ୍ୱର ଶୈବପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ ଶୈଳବାଳା ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଭାରତୀୟ ମଜଦୁର ସଂଘ ସହବନ୍ଧିତ ଗଞ୍ଜାମ ଜିଲା ଆଶାକର୍ମୀ ସଂଘର ଉପଦେଷ୍ଟା ମଧୁସୂଦନ ମହାପାତ୍ର ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶାକର୍ମୀମାନଙ୍କ ସ୍ଥାୟୀ ନିଯୁକ୍ତି, ପ୍ରୋତ୍ସାହନ ରାଶି ପରିବର୍ତ୍ତେ ସର୍ବନିମ୍ନ ମାସିକ ୧୮ ହଜାର ଟଙ୍କା ଦରମା ଦିଆଯିବା, ସାମାଜିକ ସୁରକ୍ଷା ଯୋଗାଇଦେବା, ଆଶାକର୍ମୀ ମାନଙ୍କୁ ବୀମାଭୁକ୍ତ କରାଇବା ଏବଂ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଆଶାକର୍ମୀମାନଙ୍କୁ ଦୁର୍ବ୍ୟବହାର ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୨୦ ତାରିଖରେ ବ୍ରହ୍ମପୁରରେ ହେବାକୁ ଥିବା ସଂଘର ଗଞ୍ଜାମ ସମ୍ମିଳନୀ ଉପରେ ଆଲୋଚନା କରାଯାଇ ବ୍ଲକରୁ ବହୁ ଆଶାକର୍ମୀ ସମ୍ମିଳନୀରେ ଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଦିଗପହଣ୍ଡି ଆଶାକର୍ମୀ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ସୁଦକ୍ଷା ସାହୁ, ସମ୍ପାଦିକା କୁନି ବେହେରାଙ୍କ ସମେତ ଶତାଧିକ ଆଶାକର୍ମୀ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଜେଡି ପରେ ଭାଜପାର ପଦଯାତ୍ରା



ଭାଜପା ପଦଯାତ୍ରାରେ ନେତା ଓ କର୍ମୀମାନେ।

ଗଞ୍ଜାମ,୯।୧୧(ଡି.ଏନ.ଏ.)

ବିଜେଡି ପରେ ଏବେ ଆରମ୍ଭ ହୋଇଛି ଭାଜପାର ପଦଯାତ୍ରା। ବୁଧବାର ହୁମା ମା' ପାଦୁକାଇ ମନ୍ଦିର ପ୍ରାଙ୍ଗଣରୁ ଏହି ପଦଯାତ୍ରା ଆରମ୍ଭ କରିଛି ଭାଜପା। କେନ୍ଦ୍ର ସରକାରଙ୍କ ଅନୁଦାନକୁ ରାଜ୍ୟ ସରକାର ତଥା ବିଜେଡି ଯେଉଁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ଭୁଆଁ ବୁଲାଇଛି ତା'ର ଜବାବ ଏବଂ ଠିକ୍ ତଥ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଭାଜପା ଜିଲା ସଭାପତି ବିଭୂତି ଜେନା କହିଛନ୍ତି। ଏଥିସହ ବିଭିନ୍ନ ଯୋଜନା ଏଠାରେ ବାଟମାରଣା ହେଉଥିବା ସେ ଅଭିଯୋଗ କରିଛନ୍ତି। ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ତାଲିକାରୁ ବାଦ ପଡ଼ିଥିବା ବେଳେ ଧନିଶ୍ରେଣୀ ଯାହାର ବଡ ବଡ଼ କୋଠା ସାଙ୍ଗକୁ ଗାଡି ମୋଟର ରହିଛି ତାଙ୍କୁ ରାଶନ କାର୍ଡ ଦିଆଯାଇଛି ବୋଲି ଭାଜପା ନେତା ପ୍ରଶାନ୍ତ କର ଅଭିଯୋଗ କରିଛନ୍ତି। ସତୁରି ଅଶୀ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏବେବି ଭତ୍ତା ମିଳୁନି। ଖାଲି ନିର୍ବାଚନ ଆସିଲେ ବିଜେଡି ଟଙ୍କା ବାଣ୍ଟି ଭୋଟ କିଣି ଜିତିଗଲା ପରେ ଆଉ ତାଙ୍କର ଦେଖା ମିଳୁନି। କାରଣ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ସେମାନେ ରଖିନାହାନ୍ତି। ବର୍ତ୍ତମାନ ଲୋକେ ଠିକ୍ ଜବାବ ଦେବେ ବୋଲି ଭାଜପା ନେତାମାନେ କହିଛନ୍ତି। ଏହି ପଦଯାତ୍ରାରେ ଭୃଗୁ ବକ୍ସିପାତ୍ର, ବରିଷ୍ଠ ଭାଜପା ନେତା ସୁବାସ ଚନ୍ଦ୍ର ସାହୁ, ନିର ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ସାମିଲ ଥିଲେ। ଏହି ଅବସରରେ ହୁମା ଅଞ୍ଚଳର ଜଣେ ଛାତ୍ର ଗତ ଦୁଇଦିନ ତଳେ ସମୁଦ୍ରରେ ବୁଡି ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ବର୍ଗଙ୍କୁ ଭେଟି ଭାଜପା ନେତାମାନେ ସମବେଦନା ଜଣାଇଥିଲେ।

## ମୋହନା ଅମଲା ସଂଘର ଆନ୍ଦୋଳନ ପ୍ରସ୍ତୁତି

ଆର.ଉଦୟଗିରି,୯।୧୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତଳସ୍ତରରେ କାର୍ଯ୍ୟକାରୀ କରିବାରେ ଅମଲାଙ୍କ ବିଶେଷ ଭୂମିକା ରହିଛି। ହେଲେ ଦରମା ତାରତମ୍ୟ ରହୁଥିବା ନେଇ ଅସନ୍ତୋଷ ପ୍ରକାଶ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅମଲା। ଅନ୍ୟ ବର୍ଗର କର୍ମଚାରୀ ସ୍ନାତକ ଯୋଗ୍ୟତା ଥାଇ ଅଧିକ ଗ୍ରେଡ୍ ପେ ପାଉଥିବା ବେଳେ ଅମଲାଙ୍କ ସମାନ ଓ ଅଧିକ ଯୋଗ୍ୟତା ଥାଇ ମଧ ସେ ସୁବିଧା ନାହିଁ। ସେମାନଙ୍କର ଗ୍ରେଡ ପେ ୧୯୦୦ ଟଙ୍କା ରହିଥିବା ବେଳେ ଅନ୍ୟ ବର୍ଗର କର୍ମଚାରୀ ୪ହଜାର ୨ଶହ ଟଙ୍କା ପାଉଛନ୍ତି। ସମାନ ଯୋଗ୍ୟତା ଓ ସମାନ କାର୍ଯ୍ୟ ଅମଲାମାନେ କରୁଥିବା ବେଳେ ଦରମାରେ ତାରତମ୍ୟକୁ ପ୍ରତିବାଦ କରି ସଂଘ ଆନ୍ଦୋଳନକୁ ଓହ୍ଲାଉଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ରାଜ୍ୟ ଅମଲା ସଂଘର ନିଷ୍ପତ୍ତି କ୍ରମେ ଆସନ୍ତା ୧୫ ତାରିଖରେ ସମସ୍ତ ଜିଲାର ଶାଖା ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ନୂତନ ଭୋଟର କାର୍ଯ୍ୟ ନେଇ ବୈଠକ

ଫୁଲବାଣୀ ଅଫିସ, ୯।୧୧

ଭାରତର ନିର୍ବାଚନ ଆୟୋଗ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩ ଆରମ୍ଭ କରିଛନ୍ତି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଯୋଗଦେଇ ନାଗରିକଙ୍କ ବୟସ ଆସନ୍ତା ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ କିମ୍ବା ଅକ୍ଟୋବର ୧ ପୂର୍ବରୁ ୧୮ ବର୍ଷ ହେଉଛି ସେମାନେ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ଗତ ୯ ତାରିଖରୁ ଆସନ୍ତା ୮ ତାରିଖ ମଧ୍ୟରେ ଜଣେ ଭୋଟର ଭାବରେ ପଞ୍ଜିକରଣ ପାଇଁ ଆଗୁଆ ଆବେଦନ କରିପାରିବେ। ଭୋଟରମାନଙ୍କ ସୁବିଧା ଦୃଷ୍ଟିରୁ ଆସନ୍ତା ୧୨, ୧୩, ୨୬ ଏବଂ ୨୭ ତାରିଖ ଦିନ ସବୁ ବୁଥରେ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକାରୀ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ କହିଥିଲେ। ନାଗରିକମାନେ ଭୋଟର ତାଲିକାରେ ସେମାନଙ୍କର ନାମ ଯୋଗ ବା ବାଦ୍ ଦେବା କିମ୍ବା ତ୍ରୁଟି ସଂଶୋଧନ ପାଇଁ ଦାବି ଓ ଆପତି ୨୬ ତାରିଖ ସୁଦ୍ଧା ସଂପୃକ୍ତ ଭୋଟ୍ ପିକରଣ ଅଧିକାରୀଙ୍କୁ ନିର୍ଦ୍ଧାରିତ ଫର୍ମରେ ଜଣାଇ ପାରିବେ। ଏତଦ୍‌ବ୍ୟତୀତ ବୁଥସ୍ତରରେ ନିଯୁକ୍ତ ହୋଇଥିବା ଅଧିକାରୀଙ୍କୁ ମଧ ନିର୍ଦ୍ଧାରିତ ଫର୍ମରେ ଜଣାଇ ପାରିବେ। ଏସବୁ କାର୍ଯ୍ୟ ନିର୍ଭୁଲ ଏବଂ ସହଜରେ ଅନ୍‌ଲାଇନ୍ ମାଧ୍ୟମରେ ହୋଇପାରିବ। ନାଗରିକମାନେ ଘରେ ବସି ଆବେଦନ ଓ ସଂଶୋଧନ ମଧ୍ୟ କରିପାରିବେ। ସେହିପରି ଭୋଟ୍ ପଞ୍ଜୀକରଣ ଅଧିକାରୀ ତଥା କନ୍ଧମାଳ ଉପ ଜିଲାପାଳ ଶେଷଦେବ ମିଶ୍ର ଯୋଗଦେଇ ଭୋଟର ତାଲିକାରେ ନୂତନଭାବେ ନାମ ପଞ୍ଜୀକରଣ ପାଇଁ ଫର୍ମ ୬, ଭୋଟର ତାଲିକାରେ ବା ପୂର୍ବର ତଥ୍ୟକୁ ସଂଶୋଧନ କରିବା ପାଇଁ ଫର୍ମ ୮, ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଫର୍ମ ୭ ଏବଂ ଭୋଟର ପରିଚୟ ପତ୍ରକୁ ଆଧର କାର୍ଡ ସହିତ ସଂଯୋଗ କରିବା ପାଇଁ ଫର୍ମ ୬ରେ ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ। ଚୁଡ଼ାନ୍ତ ଭୋଟର ତାଲିକା ଆସନ୍ତା ଜାନୁୟାରୀ ୫ ସୁଦ୍ଧା ପ୍ରକାଶ ପାଇବ। ବୈଠକରେ ସହକାରୀ ଜିଲାପାଳ ବୁନା ପ୍ରଧାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ସଦସ୍ୟମାନେ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ଜାଗା ମିଶନ ଡ୍ରୋନ ସର୍ଭେ ଉଦ୍‌ଘାଟନ। ସ୍ଥାନ-ଆଇନା ବନ୍ଧ ସାହି, ସମୟ-ପୂର୍ବାହ୍ନ ସାଢ଼େ ୧୧ଟା।

**କ.ନୂଆଗାଁ**
- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ। ସ୍ଥାନ-ପାତ୍ର କଲୋନୀ, ସମୟ- ସନ୍ଧ୍ୟା ୭ଟା

**ଦାରିଙ୍ଗବାଡି**
- ମାଣ୍ଡିଆ ଦିବସ ପାଳନ। ସ୍ଥାନ -ପଥପ୍ରାନ୍ତ ସେବା କେନ୍ଦ୍ର,ସମୟ-ପୂର୍ବାହ୍ନ ୧୦ଟା

**ବାଲିଗୁଡ଼ା**
- ବିଶ୍ୱନାଥ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ। ସ୍ଥାନ-ବନବାସୀ ସେବା ସମିତି ପରିସର,ସମୟ- ପୂର୍ବାହ୍ନ ସାଢ଼େ ୧୦ଟା

**ପାରଳାଖେମୁଣ୍ଡି**
- ଗଜପତି ଜିଲାସ୍ତରୀୟ ମାଣ୍ଡିଆ ଦିବସ। ସ୍ଥାନ-ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ-ପୂର୍ବାହ୍ନ ୧୧ଟା

# ଲୋନ ନ ଶୁଝିବାରୁ କମ୍ପାନୀ ସିଲ୍


କମ୍ପାନୀ ସିଲ୍ କରାଯାଉଛି।

**ଗୋପାଳପୁର,୯।୧୧(ଡି.ଏନ.ଏ.)**

ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁରଠାରୁ ଆଳିପୁର ରାସ୍ତାରେ ଥିବା ଫରଚୁନ ସ୍ପିରିଟ ଲିମିଟେଡ୍ କମ୍ପାନୀକୁ ବୁଧବାର ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସରଫେସି ଆଇନ ୨୦୦୨ ପ୍ରକାରେ ବୁଧବାର ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସିଲ୍ କରାଯାଇଛି। କମ୍ପାନୀର ମାଲିକ ରାଜେଶ କୁମାର ସାହୁ ୨୦୦୯ରୁ ବର୍ତ୍ତମାନ ସୁଦ୍ଧା ତାଙ୍କ ଅଧୀନରେ ମଦ ବଟଲିଙ୍ଗ ୟୁନିଟ କରିଥିଲେ। ଏହି ୟୁନିଟ ପାଇଁ ୨୦୧୫ରେ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୧୨କୋଟି ୧୬ ଲକ୍ଷ ୮୫ ହଜାର ୨୧୧ ଟଙ୍କା ଋଣ ଆଣିଥିଲେ। ଏହା ବର୍ତ୍ତମାନ ପ୍ରାୟ ୧୫ କୋଟି ହୋଇଥିବାରୁ ବ୍ୟାଙ୍କ ପକ୍ଷରୁ ମାଲିକଙ୍କୁ ବାରମ୍ବାର ନୋଟିସ କରାଯାଉଥିଲେ ମଧ୍ୟ ଋଣ ଟଙ୍କା ଶୁଝି ନ ଥିବାରୁ ବୁଧବାର ଭୁବନେଶ୍ୱର ସ୍ଥିତ ଆଇଡିବିଆଇ ବ୍ୟାଙ୍କ କର୍ମଚାରୀ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କୁଲଦୀପ କୁମାର, ଗୋପାଳପୁର ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହି କମ୍ପାନୀରେ ଥିବା ସମସ୍ତ ଜିନିଷ ପତ୍ରକୁ ସିଜ୍ କରି ଉଭୟ ଦସ୍ତଖତ କରି ଗୋପାଳପୁର ଖାତା ନମ୍ବର ୨୯୦/୬୩୯ ର ଦୁଇ ଏକର ୩୦ ଡେସିମିଲରେ ଥିବା ଫରଚୁନ ସ୍ପିରିଟ ଲିମିଟେଡ୍ ନାରାୟଣପୁରର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବ୍ୟାଙ୍କ ହାତକୁ ନେଇଛି। ଏ ନେଇ କମ୍ପାନୀ ମାଲିକ ରାଜେଶ ସାହୁଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ, ଆଇଡିବିଆଇରୁ ଋଣ ଆଣିଥିଲି ଭଲ ଚାଲିଥିଲା, କିନ୍ତୁ କୋଭିଡ୍ ସମୟରେ ମାନ୍ଦା ପଡିଯିବା ଯୋଗୁ ଋଣ ଟଙ୍କା ସୁଝିବାରେ ଅସୁବିଧା ରହିଲା। କିଛି କର୍ମଚାରୀଙ୍କ ପ୍ରାୟ ୬ ମାସର ଦରମା ରହିଥିବାରୁ ଚଳିତ ମାସ ଶେଷ ସୁଦ୍ଧା ପୈଠ କରିବେ ବୋଲି କହିଥିଲେ। ଏ ନେଇ ବ୍ୟାଙ୍କ କର୍ମଚାରୀଙ୍କ ସହ ଯୋଗାଯୋଗ ବେଳେ ସେମାନେ କହିଥିଲେ ଯେ ଆଜି ସୁଦ୍ଧା ପ୍ରାୟ ୧୫ କୋଟି ଟଙ୍କା ଋଣ ରହିଛି ବାରମ୍ବାର ନୋଟିସ କରାଯାଉଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବାରୁ ବୁଧବାର ସିଲ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ମା' ମୃତ, ପୁଅ ଗୁରୁତର

ତୁମୁଡିବନ୍ଧ,୯।୧୧(ଡି.ଏନ.ଏ.)-ତୁମୁଡିବନ୍ଧ ଥାନା ଅଞ୍ଚଳରେ ବୁଧବାର ବାଇକ୍ ଦୁର୍ଘଟଣାରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସିମନ୍ତିନି ଦଳପତି(୪୦)। ଗୁରୁତର ହେଲେ ସିମନ୍ତିନିଙ୍କ ପୁଅ ସନ୍ତୁନୁ ପାତ୍ର(୧୯)। ସିମନ୍ତିନି କୋଟଗଡ଼ ବ୍ଲକ ପାରିଗଡ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ହୋଇଥିବାରୁ ସକାଳ ତୁମୁଡିବନ୍ଧରୁ ପାରିଗଡ ଉଚ୍ଚ ବିଦ୍ୟାଳୟକୁ ଶିକ୍ଷା ଦାନ କରିବା ପାଇଁ ପୁଅ ସନ୍ତୁନୁଙ୍କ ସହିତ ନିଜ ବାଇକ୍( ନଂ ଓଡି-୧୨ଇ- ୦୬୩୯)ରେ ଯାଉଥିଲେ। ସେହି ସମୟରେ ୫୯ ନଂ. ଜାତୀୟ ରାଜପଥର ସୀତାପଡ଼ି ନିକଟରେ ଏକ ବଳଦ ହଠାତ ମାଡ଼ି ଆସିବାରୁ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ସିମନ୍ତିନିଙ୍କ ମୃତ୍ୟୁ ହୋଇଥିବା ବେଳେ ସନ୍ତୁନୁ ଗୁରୁତର ଆହତ ହୋଇଥିଲେ। ତୁମୁଡିବନ୍ଧ ପୋଲିସ ପହଞ୍ଚି ଆହତକୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଯାଇ ବାଲିଗୁଡା ଉପଖଣ୍ଡ ମେଡିକାଲକୁ ପଠାଇଛି। ଏ ନେଇ ତୁମୁଡିବନ୍ଧ ଥାନାରେ ନଂ.୯୧/୨୨ରେ ମାମଲା ରୁଜୁ କରାଯାଇଛି।

## ଦୁଇ ବାଇକ୍ ଲୁଟେରା ଗିରଫ, ୪ ବାଇକ ଉଦ୍ଧାର

ଖଲ୍ଲିକୋଟ,୯।୧୧(ଡି.ଏନ.ଏ.)-ଖଲ୍ଲିକୋଟ ଥାନା ପୋଲିସ ଦୁଇ ବାଇକ ଲୁଟେରାଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ନୂଆ ଫାସୁଲା ଗ୍ରାମର ଜି. ଜଗା ରାଉଳ (୩୦) ଓ କୋଦଳା ଥାନା ଅଞ୍ଚଳର ଜେ. ଶଙ୍କର (୨୦)। ସେମାନଙ୍କ ନିକଟରୁ ୨ ବାଇକ ଜବତ ହୋଇଛି। ଖଲ୍ଲିକୋଟ ଥାନା ନଂ. ୪୨୪/୨୨ରେ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ନଡିଆ ଗଛରୁ ଖସି ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୯।୧୧(ଡି.ଏନ.ଏ)-ତାରସିଙ୍ଗି ଥାନା ଅନ୍ତର୍ଗତ ବାଲିସାହିର ଜଣେ ଯୁବକ ବୁଧବାର ନଡ଼ିଆ ଗଛରୁ ଖସି ପଡି ମୃତ୍ୟୁ ଘଟିଛି। ଯୁବକ ଜଣଙ୍କ ଅପରାହ୍ନରେ ଗ୍ରାମର ଜଣଙ୍କ ବାରିପେଟ ଥିବା ନଡିଆ ଗଛରେ ନଡ଼ିଆ ତୋଳିବା ପାଇଁ ଚଢିଥିବା ବେଳେ ହଠାତ ଗଛରୁ ଖସି ପଡିଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ

## ବଂଶଧାରା ନଦୀ ବାଲି ଉଠାଣ ପାଇଁ ଜନଶୁଣାଣି

କାଶୀନଗର,୯।୧୧-କାଶୀନଗର ତହସିଲ ଅନ୍ତର୍ଗତ ଖକ୍ଷଣ୍ଡବାଠାରେ ପୁରୁଟିଗୁଡାଠାରେ ବଂଶଧାରା ନଦୀ ବାଲି ଉଠାଣ ନିମନ୍ତେ ଗ୍ରାମସଭା କରି ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲାର ଅତିରିକ୍ତ ଜିଲାପାଳ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଥିଲା। ରାୟଗଡା ଆଞ୍ଚଳିକ ପରିବେଶ କାର୍ଯ୍ୟାଳୟର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ଏସପିସିବି ହେମନ୍ତ୍ର ନାଥ ନାୟକଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରିବେଶ କାର୍ଯ୍ୟାଳୟର ଏଇ ପ୍ରଭୁଦେବ ବେହେରା ବାଲି ଉଠାଣ ସ୍ଥଳର ସମସ୍ତ ନିୟମ କାନୁନ ପରିବେଶ ନିମନ୍ତେ କିପରି କାର୍ଯ୍ୟ କରାଯିବ ବୁଝାଇଥିଲେ। ସରପଞ୍ଚ, ନାଏବ ସରପଞ୍ଚ ରକମ ସତୀଶ, ସମିତି ସଭ୍ୟ ଜଗନ୍ନାଥ ଦୋରା ପ୍ରମୁଖ ସହ ପୁରୁଟିଗୁଡା ଗ୍ରାମବାସୀ ନିଜ ନିଜର ମତ ବୈଠକରେ ଉପସ୍ଥାପନ କରିଥିଲେ। ଆଇଆଇସି ସୁଶାନ୍ତ କୁମାର ସାହୁ, ତହସିଲଦାର ପ୍ରଭାସ ବେହୁରି ଉପସ୍ଥିତ ରହି ଜନ ଶୁଣାଣି ଶିବିରରେ ଭାଗ ନେଇଥିଲେ।

# ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ

**ବୁଗୁଡ଼ା,୯।୧୧(ଡି.ଏନ.ଏ.)**

ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲ ପାଦଦେଶସ୍ଥ କଲ୍ୟାଣୀ ମଣ୍ଡପଠାରେ ଆଗାମୀ ବୁଦ୍ଧଖୋଲ ମହୋତ୍ସବ ଉପଲକ୍ଷେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପଠନ ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିସହ ଆସନ୍ତା ୨୦୨୩ ଜାନୁଆରୀ ୨୭, ୨୮ ଓ ୨୯ ତାରିଖରେ ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଆନୁଷ୍ଠାନିକ ଭାବେ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ମହୋତ୍ସବ ପରିଚାଳନା ନିମନ୍ତେ ପୁଣି ଏକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବୈଠକ ଆୟୋଜିତ କରି କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସମାଜିକ କର୍ମୀ ଚିତ୍ତ ରଞ୍ଜନ ଦାସଙ୍କ ଅନୁଦାନରେ ନିର୍ମିତ ପାବଚ୍ଛ ତୋରଣକୁ ଶ୍ରମ ମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଉକ୍ତ ବୈଠକରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବୁଗୁଡା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ସୁଧାଂଶୁ ଶେଖର ପାଢ଼ି, ଚିତରଞ୍ଜନ ଦାସ, ବୁଦ୍ଧଖୋଲ ଉନ୍ନୟନ ସମିତିର କର୍ମକର୍ତ୍ତା ଓ ସଦସ୍ୟଗଣ ଉପସ୍ଥିତ ଥିଲେ।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ

**ବୁଗୁଡ଼ା,୯।୧୧(ଡି.ଏନ.ଏ.)**

ଭୁବନେଶ୍ୱର ସୁଇଫ୍ଟ କଲଚୁରାଲ ଟ୍ରଷ୍ଟ ସହଯୋଗରେ ବୁଗୁଡ଼ା ଏନ୍ଏସିର ସମସ୍ତ ୱାର୍ଡରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ୨କ୍ୟୁ ୨୩ ବାର୍ତ୍ତା ସକାଶେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ୩ ଦିନିଆ କାର୍ଯ୍ୟକ୍ରମକୁ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ଟ୍ରଷ୍ଟର କଳାକାର ମାନେ ବିଭିନ୍ନ ୱାର୍ଡରେ ସ୍ୱଚ୍ଛତା ବିଷୟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ନିଜେ ସୁସ୍ଥ ହେବା ସହ ବୁଗୁଡ଼ା ସହରକୁ ସ୍ୱଚ୍ଛ ରଖିବା ପାଇଁ ଲୋକମାନଙ୍କୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ସାନିଟେରୀ ସୁପର ଭାଇଜର ରାଜେନ୍ଦ୍ର କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ରୋଶନ ପ୍ରଧାନଙ୍କ ସମେତ ଏନ୍ଏସି କର୍ମଚାରୀ, ସ୍ୱଚ୍ଛ ସାଥି ଓ କାଉନସିଲରମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ମନୋଜ


@ ସାଗର


@ଯତୀନ୍


@ରବିନାରାୟଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଣୀପଥରରେ ଆଉ ୧୧ କିଡ୍‌ନୀ ରୋଗୀ ଚିହ୍ନଟ

### କାରଣ ଖୋଜି ପାଉନି ସ୍ୱାସ୍ଥ୍ୟ ବିଭାଗ

**ଫୁଲବାଣୀ ଅଫିସ, ୯।୧୧**

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ରାଣୀପଥର ଗ୍ରାମରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ଏହାର ପ୍ରକୃତ କାରଣ କ'ଣ ରହିଛି ତାହାର ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନାହିଁ। ଗତ କିଛି ଦିନ ତଳେ ଗ୍ରାମରୁ ସଂଗ୍ରହ ହୋଇଥିବା ରକ୍ତ ନମୁନାରୁ ଆଉ ୧୧ ଜଣ ନୂଆ କିଡ୍‌ନି ରୋଗୀ ଚିହ୍ନଟ ହୋଇଛନ୍ତି। ବିଭାଗ ଉଚ୍ଚ ରକ୍ତ ଚାପ ଏବଂ ମଧୁମେହକୁ ଆଳ କରି ଘଟଣାକୁ ଏଡାଇ ଦେବାକୁ ବସିଛି।

ଗତ ୨୫ ତାରିଖରେ ଧରିତ୍ରୀରେ 'ଗାଁରେ ହସ ଲିଭାଇଛି କିଡ୍‌ନୀ ରୋଗ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା । ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୭ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ଟିମ୍ ଏବଂ ଖଜୁରିପଡା ମେଡିକାଲର ଆଉ ଗୋଟିଏ ଟିମ୍ ଗ୍ରାମରେ ପହଞ୍ଚି କିଡ୍‌ନୀରେ ଆକ୍ରାନ୍ତ ରୋଗୀ, ପରିବାର ସଦସ୍ୟ ଏବଂ ପଡୋଶୀଙ୍କ ରକ୍ତ ନମୂନା ସଂଗ୍ରହ କରିଥିଲା। ସଂଗୃହୀତ ୨୧ ଟି ନମୁନା ମଧ୍ୟରୁ ପୁଣି ୧୧ ଜଣ ଏହି ରୋଗରେ ପିଡିତ ଥିବା ଜଣାପଡିଛି । ହାରାହାରି ଦେଖିବାକୁ ଗଲେ ସଂଗ୍ରହର ୫୦ ପ୍ରତିଶତ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ସମସ୍ତ ଘରୁ ୩୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ରକ୍ତ ନମୂନା ସଂଗ୍ରହ କରାଯିବ ବୋଲି ଏହି ଟିମ୍ ପ୍ରକାଶ କରିଥିଲା । ହେଲେ ମାତ୍ର ୨୧ ଜଣଙ୍କ ସଂଗ୍ରହ କରି କାହିଁକି ବସି ପଡିଲା ତାହା ଏବେ ପ୍ରହେଳିକା ସୃଷ୍ଟି କରିଛି । ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ କୁହନ୍ତି, ଆମ ଟିମ୍ ୨୧ ଜଣଙ୍କ ରକ୍ତ ନମୂନା ସଂଗ୍ରହ କରିଥିଲା । ସେମାନଙ୍କ ମଧ୍ୟରେ ୧୧ ଜଣ କିଡନି ରୋଗରେ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଛି। ଆକ୍ରାନ୍ତଙ୍କ ଭିତରୁ ୩ ଜଣ ଏବେ ଚିକିତ୍ସାଧୀନ ଅଛନ୍ତି। ମାତ୍ରାଧିକ ମାନସିକ ଚାପ, ଅନିୟମିତ ଚିକିତ୍ସା କାରଣରୁ ଲୋକଙ୍କ ଠାରେ ଏହି ସମସ୍ୟା ଦେଖା ଦେଉଛି। ତେବେ ଏହି ରୋଗ ସହ ପିଇବା ପାଣିରେ ସମ୍ପର୍କ ଥାଇପାରେ । ଜଳର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଜଳ ଓ ପରିମଳ ବିଭାଗକୁ କୁହାଯାଇଛି ବୋଲି କହିଛନ୍ତି।

# ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ

**ଛତ୍ରପୁର,୯।୧୧(ଡି.ଏନ୍.ଏ.)**

ରାଜ୍ୟର ପ୍ରତ୍ୟେକ ଜିଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟସୀମା ମଧ୍ୟରେ ଭୋଟଦାତାମାନେ ସେମାନଙ୍କ ଭୋଟର ତାଲିକା ଗୁଡିକୁ ନିଜ ନିଜ ବୁଥ କିମ୍ବା ଭୋଟର ହେଲପିଙ୍ଗ ଆପ ଜରିଆରେ ପରଖି ପାରିବେ ଏବଂ ସେଥିରେ ରହିଥିବା ନିଜର ତଥ୍ୟ ଭୁଲ ଥିଲେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଭୋଟର ତାଲିକାଟିକୁ ସଂଶୋଧନ କରାଇବା ନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲା ସଦରମହକୁମା ଛତ୍ରପୁର ଠାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଚେତନତାମୂଳକ ଏହି ଜାତୀୟ କାର୍ଯ୍ୟକ୍ରମରେ ଜନ ସାଧାରଣ ସ୍ୱଇଚ୍ଛାରେ ଯୋଗଦାନ କରିବାକୁ ଜିଲାପାଳ ଜଣାଇଥିଲେ । ଅକ୍ଟୋବର ୧ ତାରିଖ ସୁଦ୍ଧା ଯେଉଁ ଯୁବକମାନଙ୍କର ବୟସ ୧୮ ବର୍ଷ ସେମାନେ ନିଜ ନାମ ଅନ୍ତର୍ଭୁକ୍ତ କରାଇ ପାରିବେ । ମହା ବିଦ୍ୟାଳୟ ସ୍ତରରେ ଯୁବକଗଣ ନିଜ ନାମ ଭୋଟର ତାଲିକାରେ ପଞ୍ଜିକରଣ କରିବା ଦିଗରେ ଆଗ୍ରହ ହେବା ଆବଶ୍ୟକ ଏବଂ ଅନ୍ୟ ମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ଉଚିତ୍ ବୋଲି ଜଣାଇଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁର ଉପ ଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଡେପୁଟି କଲେକ୍ଟର ନିର୍ବାଚନ ପ୍ରମୋଦ କୁମାର ବେହେରା, ସହକାରୀ କଲେକ୍ଟର ଅଶୋକ ପ୍ରଧାନ, ବୁଥ ସ୍ତରୀୟ ଅଧିକାରୀ, ସୁପରଭାଇଜର, ନୂତନ ଭୋଟର ଯୁବକ ଯୁବତୀ, ଜରୁରୀ କାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର, ସମସ୍ତ ଦଳୀୟ ପ୍ରତିନିଧିଗଣ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା ଧନ୍ୟବାଦ ଉପସ୍ଥାପନ କରିଥିଲେ ।

# ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଆଜି

### ଜାଗା ମିଶନ ଡ୍ରୋନ୍ ସର୍ଭେ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୯।୧୧**

ଜାଗା ମିଶନ ଯୋଜନା ମାଧ୍ୟମରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ରହିଥିବା ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରାଯିବ। ଏ ନେଇ ବିଏମ୍‌ସି ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ଜାଗା ମିଶନ ସର୍ଭେ କାର୍ଯ୍ୟକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଏମ୍‌ସି ୧୦ ନଂ. ୱାର୍ଡ ଅନ୍ତର୍ଗତ ଆଇନାବନ୍ଧ ସାହିଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକା ଅଞ୍ଚଳରେ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ରାଜ୍ୟର ୫ଟି ମହାନଗରର ବସ୍ତି ବାସିନ୍ଦାଙ୍କୁ ପଟ୍ଟାପ୍ରଦାନ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏଥିମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମରେ ସର୍ଭେ କାର୍ଯ୍ୟ କରାଯିବ। ଏହାପରେ ବସ୍ତି ବାସିନ୍ଦାଙ୍କୁ ପ୍ରଥମ ପର୍ଯ୍ୟାୟରେ ଲ୍ୟାଣ୍ଡ ରାଇଟ ସାର୍ଟିଫିକେଟ (ଏଲଆରସି) ପ୍ରଦାନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସର୍ଭେ ହେବା ସହ ଏକ ସଂସ୍ଥା ମାଧ୍ୟମରେ ଯାଞ୍ଚ କରାଯିବ। ଯାଞ୍ଚ କାର୍ଯ୍ୟ ପରେ ତହସିଲ କାର୍ଯ୍ୟାଳୟରେ ନଥିପତ୍ର ପ୍ରସ୍ତୁତ ହେବ ବୋଲି ସୂଚନା ମିଳିଛି। ଗୁରୁବାର କାର୍ଯ୍ୟକ୍ରମରେ ୧୭୫ ବସ୍ତି ଉନ୍ନୟନ ଆସୋସିଏଶନ ସଦସ୍ୟ ଓ ଗଞ୍ଜାମ ଜିଲାପାଳଙ୍କ ସମେତ ବ୍ରହ୍ମପୁର ମେୟର ଓ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ରହିବେ ବୋଲି ଜଣାପଡିଛି ।

## ଦୁର୍ଘଟଣାରେ ୩ ଗୁରୁତର

**ଦିଗପହଣ୍ଡି,୯।୧୧(ଡି.ଏନ.ଏ.)**

ପୃଥକ୍ ଦୁର୍ଘଟଣାରେ ବୁଧବାର ତିନି ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାଟପୁର ଥାନା ତଥା ମୌଳାଭଞ୍ଜା ପଞ୍ଚାୟତ ଅନ୍ତର୍ଗତ ଖୁଲୁଡି ଗ୍ରାମର ଜେ.ଯୁଧିଷ୍ଠି ଦୋରା, ଦିଗପହଣ୍ଡି ସାନଦାଣ୍ଡ ସାହିର ଏମ୍.ପଞ୍ଚୁ ଏବଂ ବି.କାଳିଆ ରେଡ୍ଡୀ। ସମସ୍ତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜେ.ଯୁଧିଷ୍ଠି ଦୋରା ଓ ବି.କାଳିଆ ରେଡ୍ଡୀଙ୍କୁ ବ୍ରହ୍ମପୁର ବଡ ମେଡିକାଲ୍ ପଠାଯାଇଛି। ସୂଚନାନୁସାରେ, ଅପରାହ୍ନରେ ଖୁଲୁଡି ଗ୍ରାମର ଜେ.ଯୁଧିଷ୍ଠି ଦୋରା ଓ ଆର୍.ନାରାୟଣ ଦୋରା ଦୁଇ ଜଣ ମିଶି କୌଣସି ଏକ କାମରେ ବାଇକ୍ ଯୋଗେ ତପ୍ତପାଣୀ ଯାଇ ପୁଣି ଅପରାହ୍ନରେ ନିଜ ଗ୍ରାମକୁ ଫେରୁଥିବା ବେଳେ ଖେମୁଣ୍ଡିଖୋଲ ଢାବା ନିକଟରେ ପଛପଟୁ ଏକ ବୁଲେଟ୍ ଆସି ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ସେହିପରି ଦିଗପହଣ୍ଡି ଏନ୍.ଏ.ସି ଧୋବାସାହି ନିକଟରେ ଦୁଇଜଣ ବାଇକ୍ ମୁହାଁମୁହିଁ ହେବାରୁ ଏମ୍.ପଞ୍ଚୁ ଏବଂ ବି.କାଳିଆ ରେଡ୍ଡୀ ଗୁରୁତର ହୋଇଥିଲେ।

# ଛାଡ଼ଖାଇରେ ଆମିଷ ବ୍ୟବସାୟ ମାନ୍ଦା

**ବ୍ରହ୍ମପୁର ଅଫିସ,୯।୧୧**

କାର୍ତ୍ତିକ ପୂର୍ଣ୍ଣିମା ଶେଷ ହୋଇଥିବା ବେଳେ ବୁଧବାର ସହରରେ ଛାଡଖାଇ ନିମନ୍ତେ ଆମିଷ ବଜାରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। କିନ୍ତୁ ଆସନ୍ତାକାଲି ମାର୍ଗଶିର ପ୍ରଥମ ଗୁରୁବାର ହୋଇଥିବା କାରଣରୁ ଆମିଷ କିଣିବା ନିମନ୍ତେ ବଜାରରେ ସେତେଟା ଗହଳି ନ ଥିବା ଦେଖିବାକୁ ମିଳିଥିଲା। ତେବେ ଛାଡଖାଇକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ବଜାରରେ ବିଭିନ୍ନ ପ୍ରକାରର ଆମିଷ ଦ୍ରବ୍ୟ ବିକ୍ରି ସାଙ୍ଗକୁ ଦରରେ ମଧ୍ୟ ବୃଦ୍ଧି ହୋଇଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଗେଟ୍ ବଜାର, ମର୍ଦ୍ଦରାଜ ଭେଣ୍ଡିଂ ଜୋନ, ଗିରି ମାର୍କେଟ, ବିଜିପୁର ଆଦି ଆମିଷ ବଜାରରେ ସାମାନ୍ୟ ଭିଡ ଜମିଥିଲା। ଆଜି ରୋହି ଓ ଭାକୁର ମାଛ କିଲୋ ପିଛା ୨୬୦, ଚିଙ୍ଗୁଡି ୩୪୦ରୁ ୫୦୦, ମଟନ କିଲୋ ୭୦୦, ଚିକେନ କିଲୋ ୨୦୦, କଙ୍କଡା ୫୦୦ରୁ ୭୦୦ ଟଙ୍କା ରହିଥିଲା। ଏଥିସହ ବିଭିନ୍ନ ରେଷ୍ଟୁରାଣ୍ଟଗୁଡିକରେ ଛାଡଖାଇକୁ ଦୃଷ୍ଟିରେ ରଖି ଖାଦ୍ୟ ଦ୍ରବ୍ୟ ଉପରେ ବିଭିନ୍ନ ଅଫର ଦିଆଯାଇଥିଲା। ଫଳରେ ରେଷ୍ଟୁରାଣ୍ଟଗୁଡିକରେ ଭିଡ ଜମିଥିଲା। ତେବେ ମାର୍ଗଶିର ଗୁରୁବାର ଥିବାରୁ ବୁଧବାର ସେତେଟା ବ୍ୟବସାୟ ହୋଇ ନ ଥିବା ବେଳେ ଶୁକ୍ରବାର ବ୍ୟବସାୟ ଆଶାଜନକ ହେବ ବୋଲି ବହୁ ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି।


ସହରରେ ବିଭିନ୍ନ ଆମିଷ ବଜାରରେ ଭିଡ।

